# 9th Meeting of the BIMSTEC Joint Working Group on Counter Terrorism and Transnational Crime

November 26, 2021

**ଆତଙ୍କବାଦର ମୁକାବିଲା ଓ ଅନ୍ତର୍ଦେଶୀୟ ଅପରାଧ ଉପରେ ବିମସଟେକ୍ ମିଳିତ କାର୍ଯ୍ୟଗୋଷ୍ଠୀର ନବମ ବୈଠକ**

**ନଭେମ୍ବର 26, 2021**

ଆତଙ୍କବାଦର ମୁକାବିଲା ଓ ଅନ୍ତର୍ଦେଶୀୟ ଅପରାଧ ଉପରେ ବିମସଟେକ୍ ମିଳିତ କାର୍ଯ୍ୟଗୋଷ୍ଠୀର (ଜେଡବ୍ଲୁଜି-ସିଟିଟିସି) ନବମ ବୈଠକ 25 ନଭେମ୍ବର 2021 ରେ ଭୁଟାନ ଦ୍ୱାରା ଭର୍ଚୁଆଲ ଉପାୟରେ ଆୟୋଜିତ ହୋଇଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅଧୀନସ୍ଥ ଆତଙ୍କବାଦ ବିରୋଧ ବିଭାଗର ଯୁଗ୍ମ ସଚିବ ଶ୍ରୀ ମହାବୀର ସିଙ୍ଗଭିଙ୍କ ନେତୃତ୍ୱରେ ଏକ ଆନ୍ତଃ-ଏଜେନ୍ସି ଭାରତୀୟ ପ୍ରତିନିଧୀ ଦଳ ଏହି ବୈଠକରେ ଭାଗ ନେଇଥିଲା। ଏହି ବୈଠକରେ ସମସ୍ତ ବିମସଟେକ୍ ସଦସ୍ୟ ରାଷ୍ଟ୍ର ଯଥା ବାଙ୍ଗଲାଦେଶ, ଭୁଟାନ, ଭାରତ, ମିଆଁମାର, ନେପାଳ, ଶ୍ରୀଲଙ୍କା ଏବଂ ଥାଇଲ୍ୟାଣ୍ଡ ଯୋଗ ଦେଇଥିଲେ।

ଆତଙ୍କବାଦର ମୁକାବିଲା ଓ ଅନ୍ତର୍ଦେଶୀୟ ଅପରାଧ ଉପରେ ବିମସଟେକ୍ ମିଳିତ କାର୍ଯ୍ୟଗୋଷ୍ଠୀ (ଜେଡବ୍ଲୁଜି-ସିଟିଟିସି) ପାଇଁ ଭାରତ ହେଉଛି ଅଗ୍ରଣୀ ଦେଶ ଯାହା (a) ଗୁପ୍ତ ତଥ୍ୟ ଆଦାନ ପ୍ରଦାନ (b) ଆଇନଗତ ଓ ଆଇନ ପ୍ରବର୍ତ୍ତନ (c) ଉଗ୍ରବାଦ ଓ ଆତଙ୍କବାଦର ମୁକାବିଲା (d) ବେଆଇନ ଅର୍ଥ ହେରଫେର ବିରୋଧରେ ଏବଂ ଆତଙ୍କବାଦକୁ ଆର୍ଥିକ ସହାୟତାର ମୁକାବିଲା (e) ମାନବ ଚାଲାଣ ଏବଂ (ଚ) ନାର୍କୋଟିକ୍ ନିଶାଦ୍ରବ୍ୟ, ସାଇକୋଟ୍ରପିକ୍ ପଦାର୍ଥ ଏବଂ ପ୍ରିକରସର ରାସାୟନିକ ପଦାର୍ଥ ଉପରେ ଛଅଟି ଉପଗୋଷ୍ଠୀର ତଦାରଖ କରିଥାଏ।

ଏହି ବୈଠକରେ ବିମସଟେକ୍ ଅଞ୍ଚଳରେ ଉଦୀୟମାନ ପାରମ୍ପରିକ ତଥା ଅଣପାରମ୍ପରିକ ସୁରକ୍ଷା ବିପଦ ଉପରେ ଆଲୋଚନା କରାଯାଇଥିଲା। ଭାରତୀୟ ପ୍ରତିନିଧୀ ଦଳ ଏଲଇଟି, ଜେଇଏମ ଏବଂ ଏଚଏମ ଆଦି ଆତଙ୍କବାଦୀ ସଂଗଠନ ତଥା ନିଶା କାରବାର, ବେଆଇନ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ ଭଳି ଅନ୍ତର୍ଦେଶୀୟ ସଂଗଠିତ ଅପରାଧରୁ ଉପୁଜୁଥିବା ସୀମାପାର ଆତଙ୍କବାଦ ବିପଦ ବିଷୟରେ ଉଲ୍ଲେଖ କରିଥିଲେ। ଏହି ଅଞ୍ଚଳରେ ଆତଙ୍କବାଦ ତଥା ଅନ୍ତର୍ଦେଶୀୟ ସଂଗଠିତ ଅପରାଧର ମୁକାବିଲା ପାଇଁ ସହଯୋଗ ତଥା ଭାଗିଦାରୀକୁ ବଢାଇବା ପାଇଁ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଆନ୍ତର୍ଜାତିକ ଆତଙ୍କବାଦ, ଅନ୍ତର୍ଦେଶୀୟ ସଂଗଠିତ ଅପରାଧ ଏବଂ ଅବୈଧ ନିଶା କାରବାରର ମୁକାବିଲା ପାଇଁ ସହଯୋଗ ନିମନ୍ତେ ବିମସଟେକ୍ ନିୟମ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା ଯାହା ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କ ଅନୁମୋଦନ ପରେ 16 ମାର୍ଚ୍ଚ 2021 ରେ ଲାଗୁ ହୋଇଥିଲା।

2022 ରେ ଭାରତ ଆତଙ୍କବାଦର ମୁକାବିଲା ଓ ଅନ୍ତର୍ଦେଶୀୟ ଅପରାଧ ଉପରେ ବିମସଟେକ୍ ମିଳିତ କାର୍ଯ୍ୟଗୋଷ୍ଠୀର (ଜେଡବ୍ଲୁଜି-ସିଟିଟିସି) ଦଶମ ବୈଠକ ଆୟୋଜନ କରିବ।

**ନୂଆଦିଲ୍ଲୀ**

**ନଭେମ୍ବର 25, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.